# Akashvani, Sambalpur

## SAMBALPURI NEWS EVENING BULLETIN

## 14 March 2025- 7.02 pm- 7.12 pm.

**********************************************

୧- ଫଗୁନ୍ ପୁନି ଅବ୍‌ସରେ ପୁରୀ ଶ୍ରୀମନ୍ଦିର୍ ନ ସୁନାବେଶଥି ଦର୍ଶନ୍ ଦଉଛନ୍ ଶ୍ରୀଜୀଉ ।

- ପଶ୍ଚିମ ଓଡ଼ିଶା ନ ପାଲିତ୍ ହେଲା ଗୁଁଡ଼ିଖାଇ ।

୨- ମଧୁସୂଦନ୍ ଦାସ୍‌ଙ୍କର୍ ଜନମ୍ ଠାନ୍‌ର କରାଯିବା ବିକାଶ୍ - ସୂଚ୍‌ନା ଦେଲେ ପୂର୍ତ ମନ୍ତ୍ରୀ ।

୩- ବୁର୍ଲା ଛାତ୍ର ମୃତ୍ୟୁ ଘଟ୍‌ନା ଉତ୍‌ରୁ ଛାତ୍ରଛାତ୍ରୀମାନ୍‌କର୍ ଲାଗି ଭିସୁଟ୍ କର୍ତ୍ତୃପକ୍ଷ ଜାରି କଲେ କଟ୍‌କନା ।

ଆଉର୍

୪- ରାଏଜେ ବଢ଼ିଛେ ଜବର୍ ଖରା- ଝାର୍‌ସୁଗୁଡ଼ା ନ ସବୁନୁ ଜହ ତାପମାତ୍ରା ୪୧ ଦଶ୍‌ମିକ୍ ୮ ଡିଗ୍ରୀ ।

ଦୋଲପୂର୍ଣ୍ଣିମା, ହୋଲି- ବାର୍ତା ଆର୍‌ଏନ୍‌ୟୁ ସମ୍ବଲ୍‌ପୁର

ଆଏଜ୍ ହେଉଛେ ପବିତ୍ର ଫଗୁନ୍ ପୁନି ଆର୍ ଆଏବା କାଏଲ୍ ରଙ୍ଗ୍‌ର ପରବ୍ ହୋଲି । ଫଗୁନ୍ ପୁନିଥି ରାଏଜର୍ ଗାଁ ସହର୍ ସବୁଆଡ଼େ ମାହାପୁରୁମାନ୍‌କର୍ ମେଲଣ୍ କରାଯାଇଥିବାର୍ ବେଲେ ପଶ୍ଚିମ ଓଡ଼ିଶା ନ ଖାସ୍ ତିହାର୍ ଗୁଁଡ଼ିଖିଆ ମନାଯାଇଛେ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫଗୁନ୍ ପୁନି ଆର୍ ହୋଲି ଅବ୍‌ସରେ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ରଙ୍ଗର୍ ପରବ୍ ହୋଲି ସମ୍‌କର୍ ଜୀବନ୍‌ଥି ସୁଖ ସମୃଦ୍ଧି ଆନୁ । ସମାଜ୍‌ର ଭିନ୍ ଭିନ୍ ବର୍ଗର୍ ଲୁକ୍‌କର୍ ଭିତ୍‌ରେ ଏକତାର୍ ପ୍ରତୀକ୍ ଭାବେ ପାଲନ୍ କରାଯାଏସି । ଅସତ୍ୟ ଉପ୍‌ରେ ସତ୍ୟର୍ ଜୟ ଆର୍ ସମାଜ୍ ନ ଭଲ୍ ପାଏବାର୍ ବାର୍ତାକେ ଇ ପରବ୍ ପ୍ରଚାର୍ କର୍‌ସି ବଲି ରାଷ୍ଟ୍ରପତି କହିଛନ୍ ।

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ହୋଲି ଅବ୍‌ସରେ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇକରି ସାମାଜିକ୍ ଗଣମାଧ୍ୟମ୍ ପୋଷ୍ଟ୍‌ଥି ଲେଖିଛନ୍ ଇ ଉତ୍ସବ୍ ସମ୍‌କର୍ ଜୀବନ୍‌ଥି ଶକ୍ତି ଆର୍ ତହଁକ୍ ଭର୍‌ବାର୍ ସହେତେ ଖୁସି ଆନିଦଉ । ଦେଶ୍‌ବାସୀଙ୍କର୍ ଭିତ୍‌ରେ ଏକତାର ରଙ୍ଗ ଆହୁରି ବର୍‌କସ୍ ହେଉ ବଲି ପ୍ରଧାନ୍‌ମନ୍ତ୍ରୀ କାମନା କରିଛନ୍ ।

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭିଲ୍ ଦୋଳପୂର୍ଣ୍ଣିମା ଅବ୍‌ସରେ ସମ୍‌କୁ ଶୁଭକାମନା ଜନେଇଛନ୍ ।

ଗୁଁଡ଼ିଖାଇ

ପୁରୀ/ ସମ୍ବଲ୍‌ପୁର/ ସୋନ୍‌ପୁର୍/ ଝାର୍‌ସୁଗୁଡ଼ା/ ବୌଦ୍ଧ

ପୁରୀ ଶ୍ରୀମନ୍ଦିର୍ ନ ଫଗୁନ୍ ପୁନି ଅବ୍‌ସରେ ଆଏଜ୍ ମାହାପୁରୁମାନେ ସୁନାବେଶଥି ସଜେଇ ହେଇଛନ୍ । ଇତାର୍‌ସହେତେ ମାହାପୁରୁମାନ୍‌କୁ ଅବିର ଆର୍ ଝିମିରି ଫଗୁ ଲାଗି କରାଯାଇଛେ । ମାହାପୁରୁଙ୍କର୍ ଚଳନ୍ତି ପ୍ରତିମା ଶ୍ରୀଦୋଳଗୋବିନ୍ଦ, ଭୂଦେବୀ ଆର୍ ଶ୍ରୀଦେବୀଙ୍କୁ ବିମାନ୍‌ଥି ଦୋଳମଣ୍ଡପ୍ ନ ବିଜେ ହେଲା ଉତ୍‌ରୁ ମାହାପୁରୁମାନେ ଭକ୍ତମାନ୍‌କର୍ ସଙ୍ଗେ ହୋଲି ଖେଲିଥିଲେ । ମାହାପୁରୁମାନ୍‌କର୍ ଇ ଦୁର୍ଲଭ ବେଶ ଦର୍ଶନ୍ କର୍‌ବାର୍‌କେ ଆଏଜ୍ ଶ୍ରଦ୍ଧାଳୁ ମାନ୍‌କର୍ ଜବର୍ ଭିଡ଼୍ ଲାଗିଥିଲା ।

ଇ ଅବ୍‌ସରେ ଆଏଜ୍ ପଶ୍ଚିମ ଓଡ଼ିଶା ବାସୀ ଗୁଁଡ଼ି ଖାଇଛନ୍ । ସମ୍ବଲ୍‌ପୁର୍ ସମ୍‌ଲେଇ ମନ୍ଦିର୍ ନ ସଖାଲ୍ ଆଲ୍‌ତୀ ସର୍‌ଲା ଉତ୍‌ରୁ ମାଙ୍କୁ ବଛର୍‌ର ପହେଲା ଫୁଲ୍‌ଫଲ୍ -ଆମ୍,

ପଲ୍‌ସାଫୁଲ୍, ସର୍ଗିଫୁଲ୍, ମହୁଲ୍, ଚାର୍, ଚନା ଆର୍ ସାକର୍‌ପଟି ଭୋଗ୍ ଅର୍ପଣ୍ କରାଯାଇଥିଲା । ମାଁଙ୍କୁ ଫଗୁ ଲଗାଯାଇଥିଲା । ତାର୍ ଉତ୍‌ରୁ ଲୁକେ ଗୁଁଡ଼ି ଖାଇଥିଲେ । ସମଲେଇ ମନ୍ଦିର୍ ଗୁଁଡ଼ି ଲଗାକେ ନେଇକରି ମନ୍ଦିରର୍ ପୂଜକ ସଗନ୍ ରାୟ କହିଛନ୍...

(ଭଏସ୍ ଓଭର୍- ସମଲେଇ ମନ୍ଦିର ପୂଜକ)

ଇ ଅବ୍‌ସରେ ପଶ୍ଚିମ ଓଡ଼ିଶା ସାରା ଗାଁ ଆର୍ ପଡ଼ା ମାନ୍‌କୁ ନାମ୍‌ଯଜ୍ଞ ସଙ୍ଗେ କେତେଟା ଜାଗା ନ ହରିହର ଭେଟ୍ ଆୟୋଜନ୍ ହେଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲା ନ ଆଏଜ୍ ସଖାଲୁ ଭିନ୍ ଭିନ୍ ଗୁଡ଼ିମାନ୍‌କେ ମାହାପୁରୁମାନ୍‌କର୍ ଦିବ୍ୟ ସ୍ନାନ, ନୈବେଦ୍ୟ ଆର୍ ଖାସ୍ ପୂଜା କରାଯାଇଥିଲା । ତାର୍ ଉତ୍‌ରୁ ନୂଆଁ ଫଲ୍‌ମୁଲ୍, ସାକରପଟି ଦେଇକରି  ଗୁଁଡ଼ି ଲଗାଯାଇଥିଲା । ପଛେ ଘରେ ଘରେ ଲୁକେ ନିଜର୍ ଇଷ୍ଟଦେବାଦେବୀଙ୍କୁ ପୂଜା କରିକରି ଗୁଁଡ଼ି ଲଗେଇଛନ୍ । ଇ ଅବ୍‌ସରେ ବୀର୍‌ମହାରାଜ୍‌ପୁର, ସୋନ୍‌ପୁର୍, ବିନ୍‌କା ଆର୍ ତର୍‌ଭା ଇଲାକା ନ ଜଗନ୍ନାଥ୍ ମନ୍ଦିର୍, ରାଧାକୃଷ୍ଣ ମନ୍ଦିର୍ ଆର୍ ବୈଷ୍ଣବ ମଠମାନ୍‌କେ ଅଖଣ୍ଡ ନାମଯଜ୍ଞ ଚାଲିଛେ । ଦେବାଳୟମାନ୍‌କେ ଭକ୍ତମାନ୍‌କର୍ ଜବର୍ ଭିଡ଼୍ ଲାଗିଛେ ।

ଝାର୍‌ସୁଗୁଡ଼ା ନ ହେଇଥିବା ହୋଲି ଉତ୍ସବ୍‌ଥି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଯୋଗ୍

ଦେଇକରି ଦୋଳପୂର୍ଣ୍ଣିମା ଅବ୍‌ସରେ ରାଜ୍ୟବାସୀଙ୍କର୍ ସୁଖସମୃଦ୍ଧି କାମନା କରିଛନ୍ ।

ସେପ୍ଟା ବୌଦ୍ଧ ଜିଲ୍ଲାର୍ ଭିନ୍ ଭିନ୍ ସହର୍ ଫଗୁନ୍ ପୁନି ଲାଗି ଗଜ୍‌ଗଜେଇ ଯାଉଛେ । ବୌଦ୍ଧର ଐତିହାସିକ ପୀଠ ଗନ୍ଧରାଡ଼ି, ରାମେଶ୍ୱରମ୍, ଜିଲ୍ଲାର୍ ଅଧିଷ୍ଠାତ୍ରୀ ଦେବୀ ମା ଭୈରବୀଙ୍କର୍ ସହେତେ ଭିନ୍ ଭିନ୍ ପୀଠ ନ ଗୁଁଡ଼ିଖାଇ ପାଲିତ୍ ହେଇଯାଇଛେ ।

ହୋଲି-ଅଗ୍ନିଶମ ବିଭାଗ ଆର୍‌ଏନ୍‌ୟୁ/ କଟକ୍

ହୋଲି ପାଲନ୍ ସମିଆଥି ଦୁର୍ଘଟଣା ରୁକ୍‌ବାର୍ ଲାଗି ରାଜ୍ୟ ଅଗ୍ନିଶମ ବିଭାଗ୍ ତର୍‌ଫୁ ବ୍ୟାପକ ପ୍ରସ୍ତୁତି କରାଯାଇଛେ । ସାରା ରାଏଜେ ୩ ଶହ ୪୫ ଅଗ୍ନିଶମ ଦଲ ମୁତୟନ ରହେବେ । ଇତାର୍‌ସହେତେ ଫି' ଜିଲ୍ଲାର୍ ସଦର୍ ମହକୁମା ମାନ୍‌କୁ ସୁରକ୍ଷା ବଳର ଗୁଟେ ଲେଖା ଦଲ୍ ମୁତୟନ୍ ରହେବେ ବଲି ପୁଲିସ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମଧୁସୂଦନ୍ ଦାସ୍-ଜନ୍ମସ୍ଥଳୀ ଉନ୍ନତି        I&PR

ଉତ୍କଳ ଗୌରବ୍ ମଧୁସୂଦନ୍ ଦାସ୍ଙ୍କର୍ ଜନମ୍ ଠାନ୍ ଆର୍ କର୍ମସ୍ଥଳୀର୍ ଉନ୍ନତି କର୍ବାର୍ ଲାଗି ପୂର୍ତ ଆର୍ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ମଧୁବାବୁଙ୍କର୍ ଜନମ୍ ଠାନ୍, ଅଁଟ୍ରୀ ଶାଲ୍, ମଧୁକୋଠୀ, ବାଲିପୋଖରୀ ଆର୍ କର୍ମସ୍ଥଳୀର୍ ଉନ୍ନତିର୍ ଲାଗି କାଣା ସବୁ ପଦକ୍ଷେପ୍ ନିଆଯିବାର୍ ଜରୁରୀ ସେ ବାବ୍ଦେ ବିଭାଗୀୟ ଅଧିକାରୀ ଜିଲ୍ଲା ପ୍ରଶାସନ୍ ଆର୍ ଭିନ୍ ଭିନ୍ ଟ୍ରଷ୍ଟ ଆଉ ପ୍ରତିଷ୍ଠାନ୍ମାନ୍କର୍ କର୍ମକର୍ତାମାନ୍କର୍ ସାଙ୍ଗେ ଆଲୋଚନା କରିଛନ୍ । ମଧୁବାବୁଙ୍କର୍ ଜୀବନୀ ସଙ୍ଗେ ଓଡ଼ିଶାବାସୀଙ୍କର୍ ଭାବାବେଗ ଆର୍ ସମ୍ମାନ୍ ଜୁଡ଼ି ହେଇକରି ଥିବାର୍ନୁ ଇସବୁର୍ ଉନ୍ନତିକରଣ୍ ବେଲ୍କେ ତାଙ୍କର୍ ଚିହ୍ନାଥି ଯେନ୍ତା କିଛି କ୍ଷତି ନାଇଁ ହେବା ତାର୍ ଉପ୍ରେ ଖାସ୍ ଧ୍ୟାନ୍ ଦେବାରକେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ ବୈଠକ୍ଥି ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଓ୍ୱେଭ୍ସ୍        ପି.ଆଇ.ବି.

ବିଶ୍ୱ ଅଡ଼ିଓ, ଭିଜୁଆଲ୍, ମନୋରଞ୍ଜନ୍ ଶିଖର୍ ସମ୍ମିଳନୀ ୱେଭ୍ସ୍ -୨୦୨୫ କେ ବ୍ୟାପକ୍ କର୍ବାର୍ ଲାଗି କେନ୍ଦ୍ର ସର୍କାର୍ ସବୁ ଚେରେଷ୍ଟା ଚଲେଇଛନ୍ । ଇତାର୍ ଆଘୋନୁ ଆନିମେସନ୍ ଫିଲ୍ମ ନିର୍ମାଣ୍ ପ୍ରତିଯୋଗିତା ହେଇଯାଇଛେ । ପ୍ରତିଯୋଗିତାର୍ ୨ ନମ୍ବର୍ ଖେପେ ୭୮ ଝନ୍ ନିର୍ମାତା ମନୋନୀତ୍ ହେଇଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ମେ ୧ ତାରିଖ୍‌ନୁ ୪ ତାରିଖ୍‌ତକ୍ ମୁମ୍ବାଇ ଠାନେ ହେବାର୍‌କେ ଥିବା ୱେଭ୍ସ୍ ସମ୍ମିଳନୀ ହେଉଛେ ଗୁଟେ ବିଶ୍ୱ ସ୍ତରୀୟ କାର୍ଯ୍ୟକ୍ରମ୍ । ଯେନ୍‌ଟାକି ସାରା ଗଣମାଧ୍ୟମ୍ ଆର୍ ମନୋରଞ୍ଜନ୍ କ୍ଷେତ୍ରକେ ଗୁଟେ ଠାନେ କର୍ବା ।

ଭିସୁଟ୍- କଟ୍‌କନା ସମ୍ବଲ୍‌ପୁର୍ ସମ୍ବାଦଦାତା

ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଲୟ- ଭିସୁଟ୍ ର ଝନେ ସିଭିଲ୍ ଇଞ୍ଜିନିୟରିଂ ଛାତ୍ର ପାୱାର୍ ଚେନାଲ୍ ନ ବୁଡ଼ି ମର୍‌ବାର୍ ଘଟ୍‌ନା ଉତ୍‌ରୁ ବିଶ୍ୱବିଦ୍ୟାଲୟ କର୍ତ୍ତୃପକ୍ଷ ଛାତ୍ରଛାତ୍ରୀଙ୍କର୍ ଉପ୍‌ରେ କଟ୍‌କନା ଜାରି କରିଛେ । ବୁର୍ଲା ସହର୍ ସହେତେ ଆଖର୍ ପାଖର୍ ଇଲାକା ନ ଥିବାର୍ କେତେଟା ଜାଗାକେ ବ୍ଲେକ୍ ସ୍ପଟ୍ ଚିହ୍ନଟ୍ କରାଯାଇଛେ । ଚିହ୍ନଟ୍ ଜାଗାମାନ୍‌କେ ବୁଲି ନାଇଁ ଯିବାର୍‌କେ

ଛାତ୍ରଛାତ୍ରୀମାନ୍‌କୁ ପରାମର୍ଶ ଦିଆଯାଇଛେ । ଯେନ୍‌ମାନେ ଇ କଟ୍‌କନା ନାଇଁମାନ୍‌କେ ସେମାନ୍‌କର୍ ବିରୋଧ୍‌ଥି କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ଭିସୁଟ୍ ତର୍‌ଫୁ ଜାରି ନିର୍ଦ୍ଦେଶ୍‌ନାମାଥି କୁହାଯାଇଛେ ।

ଟିପିଡବ୍ଲୁଓଡିଏଲ୍-ଉପମୁଖ୍ୟମନ୍ତ୍ରୀ ବଲାଙ୍ଗିର୍ ସମ୍ବାଦଦାତା

ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ବଲାଙ୍ଗିର୍ ଠାନେ ପଶ୍ଚିମ ଓଡ଼ିଶାର୍ ବିଦ୍ୟୁତ୍ ବିତରକ କମ୍ପାନୀ- ଟିପିଡବ୍ଲୁଓଡିଏଲ୍‌ର ଦକ୍ଷତା ବିକାଶ୍ କେନ୍ଦ୍ରକେ ଉଦ୍‌ଘାଟନ୍ କରିଛନ୍ । ଇ କେନ୍ଦ୍ର ନ କମ୍ପାନୀ ତାର୍ କର୍ମଚାରୀମାନ୍‌କର୍ ଦକ୍ଷତା ବିକାଶ୍ ଲାଗି  ତାଲିମ୍ ଦେବା ଆର୍ ଜିଲ୍ଲାର୍ ଆଇଟିଆଇ, ଡିପ୍ଲୋମା ଛାତ୍ରଛାତ୍ରୀମାନ୍‌କୁ ଭିଲ୍ ତାଲିମ୍ ଦେବା । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍, ଆଏବା ଖରାକେ ନେଇକରି ରାଜ୍ୟସର୍‌କାର୍ ତୟାର୍ ଅଛନ୍ । ଖରା ସମିଆଥି ୨୪ ଘଂଟା ବିଦ୍ୟୁତ୍ ଯୁଗାବାର୍ ଲାଗି ସର୍‌କାର୍ ସବୁ ବ୍ୟବସ୍ଥା କରିଛନ୍ ।

କଂଟାବାଞ୍ଜି ଲୋକ୍ ମହୋତ୍ସବ୍ ଉଦ୍ଯାପିତ/ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା କଂଟାବାଞ୍ଜି ରେଲ୍‌ୱେ ପଡ଼ିଆଠାନେ ଚାଲିଥିବା ୩ ଦିନିଆ କଂଟାବାଞ୍ଜି ଲୋକ୍ ମହୋତ୍ସବ୍ ଉଦ୍ଯାପିତ୍ ହେଇଯାଇଛେ । ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଇଥି ଯୋଗ୍ ଦେଇକରି କଂଟାବାଞ୍ଜି ସାଙ୍ଗେ ଚୌହାନ୍ ବଂଶର୍ ସମ୍ପର୍କ, ରାଜୁତି ସଙ୍ଗେ ରମାଇ ଦେଓଙ୍କର୍ ଜନମ୍ ଠାନ୍ ବାବ୍‌ଦେ କହିଥିଲେ । ଇ ଅବ୍‌ସରେ କଂଟାବାଞ୍ଜି ବିଧାୟକ୍ ଲକ୍ଷ୍ମଣ ବାଗ୍ ଭିଲ୍ ଯୋଗ୍ ଦେଇଥିଲେ ।

ବୌଦ୍ଧ ଜିଲ୍ଲାପାଲ୍-ଡାକ୍ତର୍‌ଖାନା ଗସ୍ତ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଜିଲ୍ଲାର୍ ଭିନ୍ ଭିନ୍ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ୍ କରିକରି ଥିତି ସମୀକ୍ଷା କରିଛନ୍ । ଜିଲ୍ଲାର୍ ବାଉଁଶୁଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଛାପଡ଼ା ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର, ଗୁନ୍ଦୁଲିଆ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଆଉ ଶଗଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକେ ଯାଇକରି ସେନ ଥିବାର୍ ଭିତିଭୂମି ତଦାରଖ୍ କରିଛନ୍ ।

ଡାକ୍ତର୍‌ଖାନାର୍ ୱାର୍ଡ଼୍‌ମାନ୍‌କେ ଯାଇକରି ରୋଗୀ ଆଉ ସେମାନ୍‌କର୍ ସମ୍ପର୍କୀୟ ମାନ୍‌କର୍ ସାଙ୍ଗେ କଥା ହେଇକରି ସୁବିଧା ଅସୁବିଧା ବୁଝିଛନ୍ । ଡାକ୍ତର୍‌ଖାନାମାନ୍‌କର୍ ସଫେଇ ବ୍ୟବସ୍ଥା, ପିଇବାର୍ ପାଏନ୍ ସୁବିଧା, ଖରା ପ୍ରସ୍ତୁତି, ଉଷୋକଷା, ଅଂଶୁଘାତ୍ କୁଠା ବ୍ୟବସ୍ଥା ବାବ୍‌ଦେ ଅଧିକାରୀମାନ୍‌କୁ ପଚ୍‌ରେଇ ବୁଝିଛନ୍ । ଇ ଅବ୍‌ସରେ ଜିଲ୍ଲାପାଲ୍‌ଙ୍କର୍ ସାଙ୍ଗେ ଭିନ୍ ଭିନ୍ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଜଲ୍ ସଂରକ୍ଷଣ୍, ବ୍ୟବହାର ତାଲିମ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା କଂଟାମାଲ୍ ବ୍ଲକ୍ କନ୍‌ଫରେନ୍ସ ହଲ୍ ଠାନେ ଚାଲିଥିବା ଜଲ୍ ସଂରକ୍ଷଣ୍ ଆର୍ ବ୍ୟବହାର୍ ବାବଦ୍ ତାଲିମ୍ କାର୍ଯ୍ୟକ୍ରମ୍ ଉଦ୍‌ଯାପିତ୍ ହେଇଯାଇଛେ । ଜଲମିତ୍ରମାନ୍‌କର୍ ୨ ଦିନିଆ ଇ ତାଲିମ୍ କାର୍ଯ୍ୟକ୍ରମ୍‌କେ ଟ୍ରେନର୍ ମାନସ ରଞ୍ଜନ୍ ଧଳ, ଆର୍.ଡବ୍ଲୁ.ଏସ୍.ଏସ୍.ର ବିଆର୍‌ସି ଅର୍ଜୁନ୍ ଦାସ, ଏପିଓ ସଞ୍ଜିତ୍ କୁମାର୍ ପ୍ରମୁଖ ପାଏନ୍ ସୁରକ୍ଷା ଆର୍ ବେଭାର୍ ଉପ୍‌ରେ ତାଲିମ୍ ଦେଇଥିଲେ । କାର୍ଯ୍ୟକ୍ରମ୍‌ଥି ଭିନ୍ ଭିନ୍ ପଂଚାୟତ୍‌ର କର୍ମକର୍ତା ଆର୍ ଲୋକ୍‌ମାନେ ଉପସ୍ଥିତ୍

ଥିଲେ । ତାଲିମ୍ ଉତ୍ରୁ ବିଡ଼ିଓ ସାମି ଜୟଶ୍ରୀ ରେଡ୍ଡୀ ଜଲମିତ୍ରମାନ୍କୁ ପ୍ରମାଣ୍ପତ୍ର ଦେଇଥିଲେ ।

ଅସ୍ତ୍ର ଆର୍ଏନ୍ୟୁ/ ସମ୍ବଲପୁର

ଚାନ୍ଦିପୁର୍ ସମୁଦ୍ରଖଁଡ଼ି ନ ଥିବା ସମନ୍ୱିତ କ୍ଷେପଣାସ୍ତ୍ର ଘାଟିନୁ ଦେଶର୍ ହାଲ୍କା ଯୁଦ୍ଧ ବିମାନ୍ ତେଜସ୍ ଜରିଏ ବି ଏଣ୍ଡ ଭିଜୁଆଲ୍ ରେଞ୍ଜ୍ କ୍ଷେପଣାସ୍ତ୍ର- ଅସ୍ତ୍ରର ସଫଲ୍ ପରୀକ୍ଷଣ୍ କରାଯାଇଛେ । ପରୀକ୍ଷଣ୍ ସବୁ ଉପ-ପ୍ରଣାଲୀ, ସବୁ ମିଶନ୍ ପାରାମିଟର୍ ଆର୍ ଉଦ୍ଦେଶ୍କେ ସଠିକ୍ ଭାବେ ପୂରଣ୍ କରିଥିଲା । ଇ ଅସ୍ତ୍ର କ୍ଷେପଣାସ୍ତ୍ର ଡି.ଆର୍.ଡି.ଓ ତର୍ଫୁ ଡିଜାଇନ୍ ଆଉ ବିକଶିତ୍ କରାଯାଇଛେ । କ୍ଷେପଣାସ୍ତ୍ର ଶହେ କିଲୋମିଟର୍ନୁ ଅଏତ୍କା ଦୂରେ ଥିବା ଲକ୍ଷ୍ୟକେ ଧ୍ୱଂସ କର୍ବାର୍ଥି ସଫଲ୍ ହେଇଛେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଆଏବା ୪ ଦିନ୍ତକ୍ ଗ୍ରୀଷ୍ମପ୍ରବାହ ଲାଗି ରହେବା । ଇ ସମିଆଥି ଦିନର୍ ତାତି ୨ ନୁ ୩ ଡିଗ୍ରୀତକ୍ ବଢ଼୍ବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ

ଅନୁମାନ୍ କରାଯାଇଛେ । ଆଏଜ୍ ଝାର୍ସୁଗୁଡ଼ା ନ ରାଜ୍ୟର୍ ସବୁନୁ ଜହ ତାତି ୪୧ ଦଶ୍ମିକ୍ ୮ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ୍ କରାଯାଇଛେ । ସେନ୍ତା ୧୧ ଟା ସହରର୍ ତାପମାତ୍ରା ୪୦ ଡିଗ୍ରୀ ଉପ୍ରେ ରହିଥିଲା । ସେଆଡ଼େ ବଲାଙ୍ଗିର ଆର୍ ଟିଟିଲାଗଡ୍ ନ ୪୧, ବୌଦ୍ଧ ଆର୍ ସୋନ୍ପୁର୍ ନ ୪୦ ଦଶ୍ମିକ୍ ୫,ସମ୍ବଲ୍ପୁର୍ ନ ୪୦ ଦଶ୍ମିକ୍ ୩, ସୁନ୍ଦର୍ଗଡ୍ ଆର୍ ହୀରାକୁଦ୍ ନ ୪୦ ଦଶ୍ମିକ୍ ୧ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ୍ କରାଯାଇଛେ ।